# ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ,(ଦେବୋତ୍ତର),ପାଟଣାଗଡ

ପତ୍ର ସଂଖ୍ୟା...915.......... ତା.05.03.25.......... ରିଖ

## ନିଲାମ ବିଜ୍ଞାପନ

ଏତ ଦ୍ୱାରା ଏହି ବିଜ୍ଞାପନ ମାଧ୍ୟମରେ ସମସ୍ତଙ୍କୁ ସୂଚିତ କରି ଦିଆଯାଉଅଛି ଯେ ଆର୍ଥିକ ବର୍ଷ ୨୦୨୫-୨୬ ରେ ହରିଶଙ୍କର ମନ୍ଦିରର ବିଭିନ୍ନ ଆୟ ଉତ୍ସ ଗୁଡିକର ପରିଚାଳନା ପାଇଁ ବ୍ୟକ୍ତି/ସଂସ୍ଥା/SHG Group ଯୋଗଦାନ କରିପାରିବେ ବୋଲି ଦେବୋତ୍ତର କମିଟି ଦ୍ୱାରା ସ୍ଥିର କରାଯାଇଛି ଏବଂ ନିମ୍ନଲିଖିତ ସନ୍ଦର୍ଭ ଓ ସର୍ତ୍ତାବଳୀ ଅନୁଯାୟୀ ଅଭିବ୍ୟକ୍ତି ପ୍ରକାଶନ (Expression of Interest ) ର ଆହ୍ୱାନ କରାଯାଉଅଛି ।ତତ ସହିତ ନୂତନ ଭାବରେ ଅନ୍ତର୍ଭୁକ୍ତ କରାଯାଇଥିବା TRC ବିଲଡିଙ୍ଗ ର ୨୦୨୫-୨୬ ଠାରୁ ୨୦୨୭-୨୮ (ତିନି ବର୍ଷ ପାଇଁ ନିଲାମ ପାଇଁ ମଧ୍ୟ ଆହ୍ୱାନ କରାଯାଉଛି । ଏହି ଆୟଉତ୍ସ ର ବିଡ ପାଇଁ କେବଳ ପାଟଣାଗଡ଼ ଉପଖଣ୍ଡ ରେ ବାସ କରୁଥିବା ବ୍ୟକ୍ତି/ସଂସ୍ଥା/SHG Group ଭାଗ ନେଇପାରିବେ ।

୧. ଏହି ଅଭିବ୍ୟକ୍ତି ପ୍ରକାଶନ (Expression of Interest ) ଗ୍ରହଣ ତା୦୬.୦୩.୨୦୨୫ ରୁ ତା୨୧.୦୩.୨୦୨୫ ଅପରାହ୍ନ ଘ.୨.୦୦ ପର୍ଯ୍ୟନ୍ତ ବଳବତ୍ତରରହିବ । କୌଣସି କାର୍ଯ୍ୟବଶତଃ ଯଦି ତା.ସିଦ୍ଧ ନ ହୁଏ ପରବର୍ତ୍ତୀ ତା.୨୪.୦୩.୨୦୨୫ କିମ୍ବା ତା.୨୫.୦୩.୨୦୨୫ ରେ ସିଦ୍ଧ କରିବାପାଇଁ ବୈଠକ ଡକାଯିବ (କେବଳ ସରକାରୀ କାର୍ଯ୍ୟଦିବସ ରେ) ।

୨. ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା/SHG Group ମାନେ ଏହି ଅଭିବ୍ୟକ୍ତି ପ୍ରକାଶନ (Expression of Interest) ର ସମସ୍ତ ଦସ୍ତାବିଜ କାର୍ଯ୍ୟନିର୍ବାହୀ ଅଧିକାରୀ,(ଦେବୋତ୍ତର),ପାଟଣାଗଡଙ୍କ କାର୍ଯ୍ୟାଳୟ ତଥା ୱେବସାଇଟ (www.balangir.nic.in) ରୁ ଡାଉନଲୋଡ କରିପାରିବେ ।

୩. ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା/SHG Group ମାନେ ଧାର୍ଯ୍ୟ ମୂଲ୍ୟ ର ୧୦% ଅର୍ଥ ଅମାନତ ଦେୟ ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ,(ଦେବୋତ୍ତର),ପାଟଣାଗଡ(Sub-Collector, Patnagarh)ଙ୍କ ସପକ୍ଷରେ Demand Draft ଆକାରରେ (ଯାହାକି ପାଟଣାଗଡ ରେ ଉଠାଣ କରାଯିବ) କିମ୍ବା Sub-Collector-cum-E.O.,Devottar, Patnagarhଙ୍କ SBI A/c No.11263177818 IFSC Code: SBIN0001321 ରେ ଜମା କରି ବିଡ ଫର୍ମ ସହ ଦାଖଲ କରିବେ।

୪. ନିମ୍ନୋକ୍ତ ଉଲ୍ଲେଖ ସମ୍ବଳିତ ୧୦/- ଟଙ୍କା ର Non-Judicial stamp ପେପରରେ ଏକ ଘୋଷଣାନାମା ବ୍ୟକ୍ତି/ ସଂସ୍ଥା ବିଡ ଫର୍ମ ସହ ସଂଲଗ୍ନ କରିବେ ।

ଘୋଷଣାନାମା:-

- ଆମ୍ଭେ (ବ୍ୟକ୍ତି/ସଂସ୍ଥା/SHG Group ର ନାମ) କୌଣସି ବ୍ୟାଙ୍କ ଅଥବା ଅଣ ବ୍ୟାଙ୍କିଙ୍ଗ ଆର୍ଥିକସଂସ୍ଥା ଦ୍ୱାରାପ୍ରଦତ୍ତ ଋଣ ପରିଶୋଧ କରିବାରେ ଖିଲାପ କରିନାହୁଁ ।
- ଯଦି ଆମ୍ଭେ (ବ୍ୟକ୍ତି/ସଂସ୍ଥା/SHG Group ର ନାମ) ଆର୍ଥିକଉତ୍ସ ପରିଚାଳନା ନିମନ୍ତେ ଦାୟିତ୍ୱନ୍ୟସ୍ତ କରାଯିବା ପରେ ଚୁକ୍ତି ଅବଧି ମଧ୍ୟରେ ଦାୟିତ୍ୱ ତୁଲାଇବାରେ ଅଥବା ସେବା ପ୍ରଦାନ ରେ ବିଫଳ ହେବୁ ତେବେ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନାର ଦାୟିତ୍ୱ ନିର୍ବାହ ପାଇଁ ଯୋଗ୍ୟ ବିବେଚିତ ହେବୁ ନାହିଁ ।
- ଆମ୍ଭେ(ବ୍ୟକ୍ତି/ସଂସ୍ଥା/SHG Group ର ନାମ) କୌଣସି ପୂର୍ବବର୍ତ୍ତୀ ଦାୟିତ୍ୱ ତୁଲାଇବା ସମୟରେ କଳାତାଲିକା ଭୁକ୍ତ ହୋଇନାହୁଁ ।
- ଆମ୍ଭେ(ବ୍ୟକ୍ତି/ସଂସ୍ଥା/SHG Group ର ନାମ)କାର୍ଯ୍ୟନିର୍ବାହୀ ଅଧିକାରୀ,(ଦେବୋତ୍ତର),ପାଟଣାଗଡଙ୍କ ସହ ସ୍ୱାକ୍ଷରିତ ବୁଝାମଣା ଜ୍ଞାପନପତ୍ର (Memorandum of Understanding ) ର ସର୍ତ୍ତାବଳୀ ଅନୁପାଳନ କରିବୁ ।

୫. ନିର୍ଦ୍ଧାରିତ ଅବଧି ପରେ କୌଣସି ଅଭିବ୍ୟକ୍ତି ପ୍ରକାଶନ (Expression of Interest ) ବିଚାରକୁ ନିଆଯିବ ନାହିଁ ।

୬. ସମସ୍ତ ଛାଉମୁଦ ଲଫାପା ଗୁଡିକ ତା.୨୧.୦୩.୨୦୨୫ ଅପରାହ୍ନ ଘ.୩.୦୦ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଖୋଲାଯିବାକୁ ସ୍ଥିରକୃତ ହୋଇଛି । ।କୌଣସି କାର୍ଯ୍ୟ ବଶତଃ ଯଦି ତା. ୨୧.୦୩.୨୦୨୫ ରେ ସିଦ୍ଧ ନ ହୁଏ ପରବର୍ତ୍ତୀ ତା ୨୪.୦୩.୨୦୨୫ କିମ୍ବା ତା୨୫.୦୩.୨୦୨୫ ରେ ସିଦ୍ଧକରିବାପାଇଁ ବୈଠକ ଡକାଯିବ। ଉକ୍ତ ତାରିଖ ରେ ଯଦି କୌଣସି ଉତ୍ସ ପାଇଁ ଅଭିବ୍ୟକ୍ତି ପ୍ରକାଶନ (Expression of Interest ) ଦାଖଲ ନ କରାଯାଇଥିବ ତାହେଲେ ତା.୨୬.୦୩.୨୦୨୫ ରୁ ତା.୨୯.୦୩.୨୦୨୫ ଅପରାହ୍ନ ଘ.୨.୦୦. ମଧ୍ୟରେ ଛାଉମୁଦ ଲଫାପା ନିର୍ଦ୍ଧାରିତ ବାକ୍ସ ରେ ଦାଖଲ କରିପାରିବେ ଏବଂ ସେଗୁଡିକ ତା.୨୯.୦୩.୨୦୨୫ ଅପରାହ୍ନ ଘ.୩.୦୦.ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଖୋଲାଯିବାକୁ ସ୍ଥିରକୃତ କରାଯାଇଛି ।

୭. ଅଭିବ୍ୟକ୍ତି ପ୍ରକାଶନ (Expression of Interest ) ଲଫାପା ଖୋଲାଯିବା ସମୟରେ ବିଡ ରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି/ସଂସ୍ଥା/SHG Group ର ପ୍ରତିନିଧି ଉପସ୍ଥିତ ରହିବେ ।ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥା/SHG Group ର ପ୍ରତିନିଧିଙ୍କ ଅନୁପସ୍ଥିତିରେ କମିଟି ଅଭିବ୍ୟକ୍ତି ପ୍ରକାଶନ (Expression of Interest ) ଲଫାପା କୁ ଖୋଲି ପାରିବେ ।

୮. **କୌଣସି ଉତ୍ସ ପାଇଁ ସର୍ବୋଚ୍ଚ ମୂଲ୍ୟ ଯାଚିକା** ବ୍ୟକ୍ତି/ସଂସ୍ଥା/SHG Group **ପୁଣି ଧାର୍ଯ୍ୟ ମୂଲ୍ୟ ର ୧୦% ଅର୍ଥ କିସ୍ତି ଆକାର ରେ ପଇଠ କରି କାର୍ଯ୍ୟନିର୍ବାହୀ ଅଧିକାରୀ,(ଦେବୋତ୍ତର),ପାଟଣାଗଡଙ୍କ ସହ ବୁଝାମଣା ଜ୍ଞାପନପତ୍ର (Memorandum of Understanding ) ସ୍ୱାକ୍ଷର କରିବେ ।ତତସଙ୍ଗେ ଚୁକ୍ତି ମୂଲ୍ୟର ୩୦% ଅର୍ଥ ମେ ମାସର ଶେଷ ସୁଦ୍ଧା କିସ୍ତି ଆକାରରେ ପଇଠ କରିବେ ।** ଅବଶିଷ୍ଟ ୫0% ରାଶି ପ୍ରତି ଦୁଇ ମାସ ନିଲାମ ମୂଲ୍ୟ ର ୧୦% ରାଶି କିସ୍ତି ଆକାର ରେ ୫ ଟି କିସ୍ତିରେ ପଇଠ କରିବେ ।

୯. ସର୍ବୋଚ୍ଚ ମୂଲ୍ୟ ଯାଚିକା ବ୍ୟକ୍ତି/ସଂସ୍ଥାର ଅମାନତ ରାଶି ଶେଷ କିସ୍ତି ରେ ଭରଣା କରାଯିବ । ଅନ୍ୟମାନଙ୍କର ଅମାନତ ରାଶି ଯଥାଶୀଘ୍ର ଫେରସ୍ତ କରାଯିବ ।

୧୦.ଏହି ଉଦ୍ଦେଶ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ,(ଦେବୋତ୍ତର),ପାଟଣାଗଡଙ୍କ ଦ୍ୱାରା ଗଠିତ ଏକ କମିଟି ଦ୍ୱାରା ବିଭିନ୍ନ ପରିମାପକ ଯଥା ଗୋଷ୍ଠୀ ଗଠନ ର ବର୍ଷ,ଗୋଷ୍ଠୀର ପରିଚାଳନା,ଆୟକାରୀ କାର୍ଯବିଧିରେ ଅଂଶଗ୍ରହଣ, ଆର୍ଥିକ ବ୍ୟବହାର,ଦଳଗତ ନିଷ୍ଠା ଓ ସାଧୁତା ଏବଂ ଯୋଗ୍ୟତା ଭିତ୍ତିରେ ବ୍ୟକ୍ତି/ସଂସ୍ଥାର ମୂଲ୍ୟାଙ୍କନ କରାଯିବ ଏବଂ ଏ ସମ୍ପର୍କରେ କମିଟିର ନିଷ୍ପତ୍ତି ଚୂଡାନ୍ତ ବୋଲି ଗ୍ରହଣ କରାଯିବ । ଅନ୍ୟ କୌଣସି କ୍ଷେତ୍ରରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ ହେବ ନାହିଁ ଏବଂ ଏ ସମ୍ପର୍କରେ ଆବେଦନକାରୀ ଅଣ୍ଡରଟେକିଂ ଦେବେ ।

୧୧.ବିଡ ରେ ଅଂଶଗ୍ରହଣକରିଥିବା ବ୍ୟକ୍ତି/ସଂସ୍ଥା/SHG Groupର ପୂର୍ବ ରେକର୍ଡ ତଥା ବିଶ୍ୱସନୀୟତାରେ ଅସନ୍ତୋଷ କ୍ଷେତ୍ରରେ କାର୍ଯ୍ୟନିର୍ବାହୀ ଅଧିକାରୀ,(ଦେବୋତ୍ତର),ପାଟଣାଗଡ ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥା/SHG Group ବିଡ ଆବେଦନ ଖାରଜ କରିପାରିବେ ।

୧୨. କମିଟି ନିଷ୍ପତ୍ତି ସମ୍ପର୍କରେ କୌଣସି ଅଭିଯୋଗ ଟେଲିଫୋନ,ଇମେଲ,ଫ୍ୟାକ୍ସ ଅଥବା ବ୍ୟକ୍ତିଗତ ସାକ୍ଷାତ ଗ୍ରହଣୀୟ ହେବ ନାହିଁ ।

୧୩. ସେବାର ଗୁଣବତ୍ତା ସଂକ୍ରାନ୍ତରେ କୌଣସି ବିବାଦ ଉପୁଜିଲେ ପ୍ରାଧିକୃତ କର୍ମକର୍ତ୍ତାଙ୍କ ଦ୍ୱାରା ଯାଞ୍ଚ କରାଯିବ ।
ସେବାର ଗୁଣବତ୍ତା ଖରାପ ରହିଲେ ଦୁଇଥର ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ,(ଦେବୋତ୍ତର),ପାଟଣାଗଡଙ୍କ ଦ୍ୱାରା ପରିଚାଳକ ବ୍ୟକ୍ତି /ସଂସ୍ଥା କୁ ନୋଟିସ କରାଯିବ । ତସତ୍ତ୍ୱେ ମଧ୍ୟ ସେବାର ଗୁଣବତ୍ତା ଭଲ ନ ରଖିଲେ ଉପଜିଲ୍ଲାପାଳ-ତଥା କାର୍ଯ୍ୟନିର୍ବାହୀ ଅଧିକାରୀ,(ଦେବୋତ୍ତର),ପାଟଣାଗଡ ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥା/SHG Group ର ପରିଚାଳନା ଅଧିକାର ରଦ୍ଦ କରିପାରିବେ ।

୧୪.ଏ ବର୍ଷ ଚାରିଟି ନୂତନ ଆୟଉତ୍ସ କୁ ନିଲାମ ରେ ଅନ୍ତର୍ଭୁକ୍ତ କରାଯାଇଛି । ଚାରିଟି ନୂତନ ଆୟଉତ୍ସ ହେଲା "TRC ବିଲ୍ଡିଂ", "ଶିଶୁଙ୍କକାର", "ଶୌଚାଳୟ" ଓ "ଭୋଜି ପଡିଆ(TRC ବିଲ୍ଡିଂ ସାମ୍ନା )".

ପ୍ରକାଶ ଥାଉକି:- ୧. ସର୍ବୋଚ୍ଚନିଲାମ ଗ୍ରହଣ କିମ୍ବା ନାକଚକରିବାର ଅଧିକାର କର୍ତ୍ତୃପକ୍ଷଙ୍କ ଠାରେ ସୁରକ୍ଷିତ ଅଛି ।
୨.ଏହି ନିଲାମ ଖିଲାଫକାରୀ ବ୍ୟକ୍ତି/ସଂସ୍ଥାଙ୍କୁ ଦିଆଯିବାନାହିଁ ।
୩. କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଉକ୍ତ ନିଲାମ କୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।
୪.ପୂର୍ବ ବର୍ଷ ମାନଙ୍କରେ ସମସ୍ତ କିସ୍ତି ପଇଠ କରି ନ ଥିବା SHG Group ଓ ତାଙ୍କ ପରିବାର ର ସଦସ୍ୟ ନିଲାମ ରେ

ସର୍ବୋଚ୍ଚ ମୂଲ୍ୟ ଯାଚିକା ହେଲେ ମଧ୍ୟ ଟେଣ୍ଡର ପାଇବେ ନାହିଁ ।

ବି.ଦ୍ର. ସର୍ବୋଚ୍ଚ ନିଲାମଧାରୀଙ୍କ ମୂଲ୍ୟ ଯୁକ୍ତି ସଙ୍ଗତ ହେବା ଉଚିତ, ଅନ୍ୟଥା ଏହା କାର୍ଯ୍ୟକାରୀ ହେବନାହିଁ ।

ହରିଶଙ୍କର ମନ୍ଦିରର ନିଲାମ ହେବାକୁଥିବା ଆୟଉତ୍ସ ର ତାଲିକା(୨୦୨୫-୨୬ ) ୧ବର୍ଷ(୦୧/୦୪/୨୦୨୫ ରୁ ୩୧/୦୩/ ୨୦୨୬)

| କ୍ର.ସଂ. | ଆୟାଉତ୍ସ ର ନାମ | ଧାର୍ଯ୍ୟ ସରକାରୀ ମୂଲ୍ୟ | ଅମାନତ ରାଶି | | ମନ୍ତବ୍ୟ |
|---|---|---|---|---|---|
| | | | ଆବେଦନ ପାଇଁ (୧୦%) | ଚୁକ୍ତିନାମା ପୂର୍ବରୁ (୧୦%) | |
| ୧ | ଅନ୍ନଭୋଗ | ₹୨୭,୮୩,୮୪୨/- | ₹୨,୭୮,୩୮୪/- | ₹୨,୭୮,୩୮୪/- | ମୂଲ୍ୟ **₹୭୦/-(ସତୁରୀ ଟଙ୍କା)** ରେ ଉପଯୁକ୍ତ ମାନର ସାରୁ ଅରୁଆ ଚାଉଳ ସମନ),ବିପିଟି,ଏଚ ଏମ ଟି(, ମୁଗ ଡାଲି, ଖିରି ରେ ବାସମତୀ ଚାଉଳ, ଖଟା(ସ୍ୱାଦିଷ୍ଟ)-ଋତୁ ଅନୁଯାୟୀ, ତରକାରୀଋତୁ ଅନୁଯାୟୀ- |
| ୨ | ନଡିଆ ଓ ସୁଖାଭୋଗ | ₹୨୪,୬୮,୮୨୧/- | ₹୨,୪୬,୮୮୨/- | ₹୨,୪୬,୮୮୨/- | ମୂଲ୍ୟ**₹୩୦/-(ତିରିଶ ଟଙ୍କା)**ରେ ନଡିଆ , ୩୦ .ସିନ୍ଦୁର ଓ ମୂଲ୍ୟ ଟ ,ଦୀପ ,ଧୂପକାଠି ଙ୍କା ରେ ଅନ୍ୟାନ୍ୟ ଖଇଗଜା ,ଲଡୁ , ଇତ୍ୟାଦି। |
| ୩ | ଟିକସଆଦାୟ,ମାଳି, ଚୁଡ଼ି,ଚା,ବିସ୍କୁଟ ଦୋକାନ,ବାହାର ଫଟୋଗ୍ରାଫି | ₹୧୪,୪୫,୨୭୪/- | ₹୧,୪୪,୫୨୭/- | ₹୧,୪୪,୫୨୭/- | |
| ୪ | ଦୁଇ ଚକିଆ ଯାନର ପାର୍କିଂଫି,ଯାନ ବାହନ ପ୍ରବେଶ ଓ ପାର୍କିଂ ଫି (ତିନି ଚକିଆ ରୁ ଉର୍ଦ୍ଧ୍ୱ) | ₹୨୮,୩୫,୩୩୬/- | ₹୨,୮୩,୫୩୪/- | ₹୨,୮୩,୫୩୪/- | ଦୁଇ ଚକିଆ –₹୧୦/-(ଦଶ ଟଙ୍କା)<br>ତିନି ଚକିଆ-₹୩୦/-(ତିରିଶ ଟଙ୍କା)<br>ଚାରି ଚକିଆ-₹୫୦/-(ପଚାଶ ଟଙ୍କା)<br>ବସ-₹୧୦୦/-(ଶହେ ଟଙ୍କା) |
| ୬ | ଶିଶୁଙ୍କ କାର | ₹୫୦,୦୦୦/- | ₹୫୦୦୦/- | ₹୫୦୦୦/- | ₹୨୦/-(କୋଡିଏ ଟଙ୍କା) କାର ଭଡା ସର୍ବ ମୋଟ- ୪ଟି କାର |
| ୭ | ଶୌଚାଳୟ | ₹୧,୦୦,୦୦୦/- | ₹୧୦,୦୦୦/- | ₹୧୦,୦୦୦/- | ବ୍ୟକ୍ତି ପିଛା ଭଡା-₹୧୦/-(ଦଶ ଟଙ୍କା) |
| ୮ | ଭୋଜି ପଡିଆ(Trc ବିଲ୍ଡିଂ ସାମ୍ନା ) | ₹୧୫,୦୦୦/- | ₹୧,୫୦୦/- | ₹୧,୫୦୦/- | ଭୋଜି ପାଇଁ ଭଡା -₹୧୦୦/-(ଶହେ ଟଙ୍କା)+ବ୍ୟକ୍ତି ପିଛା-₹୫/-(ପାଞ୍ଚ ଟଙ୍କା ) |

TRC ବିଲ୍ଡିଂ ର ନିଲାମ(୨୦୨୫-୨୬ ଠାରୁ ୨୦୨୭-୨୮) (ତିନି ବର୍ଷ ) (୦୧/୦୪/୨୦୨୫ ରୁ ୩୧/୦୩/ ୨୦ ୨୮)

| କ୍ର. ସଂ. | ଆୟାଉତ୍ସର ନାମ | ଧାର୍ଯ୍ୟ ସରକାରୀ ମୂଲ୍ୟ | ଅମାନତ ରାଶି | | ମନ୍ତବ୍ୟ |
|---|---|---|---|---|---|
| | | | ଆବେଦନ ପାଇଁ (୧୦%) | ଚୁକ୍ତିନାମା ପୂର୍ବରୁ (୧୦%) | |
| ୮ | TRC ବିଲ୍ଡିଂ | ₹୧୧,୦୦,୦୦୦/- | ₹୧,୧୦,୦୦୦/- | ₹୧,୧୦,୦୦୦/- | ରୁମପିଛା ସର୍ବାଧିକ ମୂଲ୍ୟ- ₹୧,୫୦୦/-(ଏକ ହଜାର ପାଞ୍ଚ ଶହ ଟଙ୍କା) |

| ଆୟାଉଟ ର ନାମ | ସର୍ତ୍ତାବଳୀ |
|---|---|
| ଅନ୍ନଭୋଗ | ୧.ବ୍ୟକ୍ତି/ସଂସ୍ଥା/SHG Group ଭୋଗ ର ଗୁଣବତ୍ତା ରକ୍ଷା କରିବେ<br>୨.ଭୋଗମଣ୍ଡପ ପରିଷ୍କାର ପରିଛନ୍ନ ରଖିବେ ।<br>୩.ବିଦ୍ୟୁତ ଶୁଳ୍କ ନିଜେ ବହନ କରିବେ ।<br>୪ ଯନ୍ତ୍ରପାତି ନିଜେ ମରାମତି କରିବେ । |
| ଶୌଚାଳୟ | ୧. ବ୍ୟକ୍ତି/ସଂସ୍ଥା/SHG Group ଶୌଚାଳୟ ପରିଷ୍କାର ପରିଛନ୍ନ ରଖିବେ ।<br>୨. ବିଦ୍ୟୁତ ଶୁଳ୍କ ନିଜେ ବହନ କରିବେ ।<br>୩. ଯନ୍ତ୍ରପାତି ନିଜେ ମରାମତି କରିବେ । |
| TRC ବିଲ୍ଡିଂ | ୧.TRC ବିଲ୍ଡିଂ ର ନିଲାମ ତିନିବର୍ଷ ପାଇଁ ହେବ ଏବଂ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ଲିଜ ନବୀକରଣ କରାଯିବ<br>୨.TRC ବିଲ୍ଡିଂ ପରିଷ୍କାର ପରିଛନ୍ନ ରଖିବେ ।<br>୩.ବିଦ୍ୟୁତ ଶୁଳ୍କ ନିଜେ ବହନ କରିବେ ।<br>୪ ଯନ୍ତ୍ରପାତି ନିଜେ ମରାମତି କରିବେ ।<br>୫.ଅସାମାଜିକ କାର୍ଯ୍ୟରେ TRC ବିଲ୍ଡିଂ ବ୍ୟବହୃତ ହୋଇ ପାରିବ ନାହି ।<br>୬.ମାଦକ ଦ୍ରବ୍ୟ ସେବନ ବାରଣ କରିବେ ।<br>୭.ଅଫିସ ର ଆବଶ୍ୟକତା ଅନୁଯାୟୀ ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ,(ଦେବୋତ୍ତର),ପାଟଣାଗଡ TRC ବିଲ୍ଡିଂ ଉପଯୋଗ କରିପାରିବେ । |
| ଭୋଜି ପଡିଆ | ୧.ଭୋଜି ପଡିଆ ପରିଷ୍କାର ପରିଛନ୍ନ ରଖିବେ ।<br>୨.ମାଦକ ଦ୍ରବ୍ୟ ସେବନ ବାରଣ କରିବେ । |

ଜ୍ଞାପକ ସଂଖ୍ୟା 716 ତା. 05.03.2025

ଏହାର ଏକକିତା ନକଲ ଦେବୋତ୍ତର କମିଶନର, ଓଡିଶା,ଭୁବନେଶ୍ୱର/ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, ସମ୍ବଲପୁର/ଜିଲ୍ଲାପାଳ,ବଲାଙ୍ଗିର/ପାଟଣାଗଡ଼ ଉପଖଣ୍ଡ ର ସମସ୍ତ ତହସିଲଦାର,/ ସମସ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ/ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,ବିଜ୍ଞାପିତ ଅଞ୍ଚଳ ପରିଷଦ, ତଥା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ ବୋର୍ଡରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲି ସହକାରୀ ମ୍ୟାନେଜର ହରିଶଙ୍କର ମନ୍ଦିର ଙ୍କ ଅବଗତି ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ Mission Shakti, DPC Balangir/ C.D.P.O, Patnagarh/Belpada/Khaprakhol ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ନିଜ ଅଞ୍ଚଳ ରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ (S.H.G.) ମାନଙ୍କୁ ଅବଗତ କରାଇବାକୁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ପାଟଣାଗଡ଼ ଉପଖଣ୍ଡ ର ସମସ୍ତ ତହସିଲଦାର,/ ସମସ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ/ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଏବଂ ନିଜ ଅଧୀନ ରେ ଥିବା ସମସ୍ତ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

05/03/2025

ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର,ପାଟଣାଗଡ

ସ୍ମାରକ ସଂଖ୍ୟା । 917 ତା. 05.03.2025

ଏହାର ଏକକିତା ନକଲ District Information Officer, NIC, Balangir ଙ୍କ ଅବଗତି ନିମନ୍ତେ ଓ ଅଭିବ୍ୟକ୍ତ ପ୍ରକାଶନ) Expression of Interest) କୁ ୱେବ ସାଇଟରେ ପ୍ରକାଶ ପାଇଁ ଅନୁରୋଧ କରାଗଲା ।

05/03/2025

ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ

ବେବୋଗଡ଼,ପାଟଣାଗଡ଼

# ଇଉମୁଦ ଅଭିବ୍ୟକ୍ତ ପ୍ରକାଶନ (Expression of Interest) ନିମନ୍ତେ ଆବେଦନ ଫର୍ମ

**ଆର୍ଥିକବର୍ଷ-୨୦୨୫-................ (୧ ବର୍ଷ/ ୩ବର୍ଷ)**

1. ମନ୍ଦିର ନାମ :

2. ଆବେଦନକାରୀ ବ୍ୟକ୍ତି/ସଂସ୍ଥା/SHG Groupଙ୍କ ନାମ. :

3. ଗ୍ରାମ :

4. ପୋ.ଅ :

5. ଥାନା- :

6. ଧାର୍ଯ୍ୟ ସରକାରୀ ମୂଲ୍ୟ : ଟ............................

7. ସମ୍ପତ୍ତିର ନାମ :

8. ଅମାନତ ଜମା : ଟ............................

9. ଡିମାଣ୍ଡ ଡ୍ରାଫ୍ଟ ନମ୍ବର/A.c Deposit : ତା............................

10. ଟେଣ୍ଡର ଦେବା ନିମନ୍ତେ ସର୍ବୋଚ୍ଚ ମୂଲ୍ୟ : ଟ............................

## ଘୋଷଣା

ଆମ୍ଭେ, ........................................................................................................ ବ୍ୟକ୍ତି/ସଂସ୍ଥା/SHG Groupଙ୍କ ଗ୍ରାମ........................................ପୋ.ଅ........................................ଜିଲ୍ଲା........................................ ଘୋଷଣା କରୁଅଛି ଯେ, ସମସ୍ତ ଟେଣ୍ଡର ସମ୍ବନ୍ଧୀୟ ସର୍ତ୍ତାବଳି କୁ ମାନିବି ଓ ଆଇନ ଅନୁଯାୟୀ ସମସ୍ତ ଦେୟ ଠିକ ସମୟରେ ପଇଠ କରିବି । ଏହାର ଅମାନ୍ୟ କଲେ ମୋ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

ଟେଣ୍ଡର ଦାଖଲକାରୀଙ୍କ

ବିଦ୍ର- ଏଥି ସହିତ ବିଜ୍ଞାପନ ର କ୍ରମିକ ନମ୍ବର ୪ ମୁତବକ ଘୋଷଣାନାମା Non Judicial Stamp ସଂଲଗ୍ନ କରାଗଲା

ଦସ୍ତଖତ

ମୋ.ନଂ